THE SAKALA

Sakala

Dt: 17th November 2024

## ନୂଆଦିଲ୍ଲୀରେ ପ୍ରଥମ ବୋଡୋଲାଣ୍ଡ ମହୋତ୍ସବ

# ସାହିତ୍ୟ ଅକାଦେମିର ବୁକ୍ ଷ୍ଟଲ୍ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୬।୧୧: ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପ୍ରଥମ ବୋଡୋଲାଣ୍ଡ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ମହୋତ୍ସବରେ ସ୍ଥାନ ପାଇଥିବା ସାହିତ୍ୟ ଅକାଦେମିର ବୁକ୍ ଷ୍ଟଲ୍‌କୁ ପରିଦର୍ଶନ କରିଥିଲେ। ଦୁଇଦିନିଆ ଏହି ଉତ୍ସବରେ ବୋଡୋ ସମ୍ପ୍ରଦାୟର ସଂସ୍କୃତି, ଭାଷା ଏବଂ ସାହିତ୍ୟକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। 'ସମୃଦ୍ଧ ଭାରତ ପାଇଁ ଶାନ୍ତି ଏବଂ ସଦ୍‌ଭାବନା' ପାଇଁ ଉତ୍ସର୍ଗୀକୃତ ଏହି ଉତ୍ସବରେ ୫୦୦୦ରୁ ଅଧିକ ବୋଡୋ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସାହିତ୍ୟ ଅକାଦେମି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଭାଷାଗୁଡ଼ିକ ମଧ୍ୟରେ ବୋଡୋ ଭାଷା ମଧ୍ୟ ଅନ୍ତର୍ଭୁକ୍ତ। ଯେବେଠାରୁ ଭାରତ ସରକାର ବୋଡୋ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚିରେ ଅନ୍ତର୍ଭୁକ୍ତ କରିଛନ୍ତି, ଅକାଦେମି ସେବେଠାରୁ ଏହି ଭାଷାରେ ସାହିତ୍ୟ ଅକାଦେମି ପୁରସ୍କାର, ଅନୁବାଦ ପୁରସ୍କାର, ୨୦୧୦ ମସିହାରୁ ବାଲ୍ ସାହିତ୍ୟ ପୁରସ୍କାର ଓ ୨୦୧୧ରୁ ଯୁବ ପୁରସ୍କାର ପ୍ରଦାନ କରିଆସୁଛି। ଏହାବ୍ୟତୀତ, ଏକାଡେମୀ କ୍ରମାଗତ ଭାବେ ବୋଡୋ ଭାଷାରେ ନୂତନ କୃତି ପ୍ରକାଶନ ସହ ଏକାଡେମୀ ଦ୍ୱାରା ଆୟୋଜିତ ବିଭିନ୍ନ ଆଞ୍ଚଳିକ ଓ ଜାତୀୟ କାର୍ଯ୍ୟକ୍ରମରେ ବୋଡୋ ଭାଷାର ଲେଖକ ଏବଂ ବୁଦ୍ଧିଜୀବୀମାନଙ୍କୁ ସାମିଲ କରିଥାଏ।